# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 03 December – 2025

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭା ଶୀତକାଳୀନ ଅଧିବେଶନର ଷଷ୍ଠ ଦିନରେ ଗୃହକାର୍ଯ୍ୟ ସ୍ୱାଭାବିକ

— ଚାଷୀଙ୍କୁ ଧାନ ବିକିବା ଲାଗି ରାଜ୍ୟର ୫ଟି ଜିଲ୍ଲାର ଚାଷୀଙ୍କୁ ଦିଆଯାଇଛି ଟୋକନ୍

- ରାଜ୍ୟର ପ୍ରତ୍ୟେକ ଉପଖଣ୍ଡରେ ଶୀତଳଭଣ୍ଡାର ନିର୍ମାଣ ପାଇଁ ୨୫୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି; ଗୃହରେ ସୂଚନା ଦେଲେ ଆଇନ୍‌ମନ୍ତ୍ରୀ

- ରାଜ୍ୟର ଜଙ୍ଗଲ ନିଆଁକୁ ଆୟତ୍ତ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା ଏବଂ ଜିପିଏସ୍‌ର ବ୍ୟବହାର କରାଯାଉଛି

ଏବଂ

- ଦିବ୍ୟାଙ୍ଗମାନଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

# ବିଧାନସଭା

ସପ୍ତଦଶ ବିଧାନସଭା ଶୀତକାଳୀନ ଅଧିବେଶନର ଷଷ୍ଠ ଦିନରେ ଆଜି ଗୃହକାର୍ଯ୍ୟ ସ୍ୱାଭାବିକ ଚାଲିଥିଲା । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ସମବାୟ ଓ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଶ୍ନକାଳରେ ଆଲୋଚନା କରାଯାଇଥିଲା । ଶୂନ୍ୟକାଳରେ ବିରୋଧୀ ଦଳର ସଦସ୍ୟମାନେ ସ୍ୱାଧୀନତା ସଂଗ୍ରାମୀ ରମାଦେବୀଙ୍କ ୧୨୫ତମ ଜୟନ୍ତୀ ବର୍ଷବ୍ୟାପୀ ପାଳନ କରାଯାଉନଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଅପରପକ୍ଷେ ଶାସକ ଦଳର ସଦସ୍ୟ ଇରାଶୀଷ ଆଚାର୍ଯ୍ୟ ଏହାକୁ ଖଣ୍ଡନ କରିବା ସହ ରାଜ୍ୟ ସରକାର ରମାଦେବୀଙ୍କ ଜୟନ୍ତୀକୁ ବର୍ଷେବ୍ୟାପୀ ପାଳନ ପାଇଁ ନିଷ୍ପତ୍ତି ନେଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ । ବାଚସ୍ପତି ସୁରମା ପାଢ଼ୀ କହିଥିଲେ, ସରକାର ବିଭିନ୍ନ ବିଭାଗ ଦ୍ୱାରା ପୂଜ୍ୟପୂଜାଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରୁଛନ୍ତି । ପରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାରେ ଅବ୍ୟବସ୍ଥାକୁ ନେଇ ବିରୋଧୀ ଦଳ ପକ୍ଷରୁ ଗୃହରେ ମୁଲତବୀ ପ୍ରସ୍ତାବ ଆଗତ ହୋଇଥିଲା ।

ଆଲୋଚନା ଶେଷରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ, ସରକାର କୁଇଣ୍ଟାଲ ପିଛା ଇନ୍‌ପୁଟ ସହାୟତା ରାଶି ୮୦୦ ଟଙ୍କା ଦେବା ପରେ ଚାଷୀଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି ହୋଇଛି । ଚଳିତବର୍ଷ

ରାଜ୍ୟରେ ୨ ଲକ୍ଷ ନୂଆ କୃଷକ ଚାଷ ଆରମ୍ଭ କରିଛନ୍ତି। ବାଚସ୍ପତି ଶ୍ରୀମତୀ ପାତ୍ରୀ ବିରୋଧୀ ଦଳ ସଦସ୍ୟମାନେ ଆଣିଥିବା ମୁଲତବୀ ପ୍ରସ୍ତାବକୁ ଅଗ୍ରାହ କରି ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

## ବିଧାନସଭା-ଧାନ

ରାଜ୍ୟର ବରଗଡ଼, ବଲାଙ୍ଗିର, କଳାହାଣ୍ଡି, ନୂଆପଡା ଓ ସମ୍ବଲପୁର ଜିଲ୍ଲାର ୨ ଲକ୍ଷ ୯୪ ହଜାର ୫୬୯ ଜଣ ଚାଷୀଙ୍କୁ ଧାନ ବିକିବା ଲାଗି ଟୋକନ ମିଳିଲାଣି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଗୃହରେ ଏକାଧିକ ପ୍ରଶ୍ନର ଉତ୍ତର ରଖି ଶ୍ରୀ ପାତ୍ର କହିଛନ୍ତି, ଚଳିତବର୍ଷ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ରାଜ୍ୟର ପଶ୍ଚିମାଞ୍ଚଳରେ ଆରମ୍ଭ ହୋଇଛି। ମୋଟ୍ ୧୯ ଲକ୍ଷ ୭୬ ହଜାର ୮୧୨ ଜଣ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଆଗାମୀ ଦିନରେ ୧୦୦ଟି ମଡେଲ ମଣ୍ଡି ଖୋଲିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରତ୍ୟେକ ଜିଲ୍ଲା ପାଇଁ ଜଣେ ମନ୍ତ୍ରୀଙ୍କୁ ମଣ୍ଡି ଦାୟିତ୍ୱ ଦିଆଯାଇଛି। ଧାନ ସଂଗ୍ରହ ସମୟରେ ସମନ୍ୱୟ ରକ୍ଷା ପାଇଁ ମନ୍ତ୍ରୀସ୍ତରୀୟ କମିଟି ଗଠନ ସହ ପ୍ରତ୍ୟେକ ମଣ୍ଡିରେ ଜଣେ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଅଫିସରମାନେ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

## ବିଧାନସଭା-ଶୀତଳଭଣ୍ଡାର

ରାଜ୍ୟର ପ୍ରତ୍ୟେକ ଡିଭିଜନ୍‌ରେ ଗୋଟିଏ ଲେଖାଏଁ ଶୀତଳଭଣ୍ଡାର ନିର୍ମାଣ କରାଯିବା ପାଇଁ ଚଳିତ ବଜେଟ୍‌ରେ ୨୫୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ କହିଛନ୍ତି।

ରାଜ୍ୟ ସରକାର ଶୀତଳଭଣ୍ଡାର ଆର୍ଥିକ ସହାୟତା ଯୋଜନା ଆରମ୍ଭ କରିଛନ୍ତି। ଏହା ଆସନ୍ତା ୨୦୨୯-୩୦ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଅନୁସୂଚିତ ଜାତି, ଜନଜାତି ଓ ମହିଳାଙ୍କୁ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ୬୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ବେସରକାରୀ ସ୍ତରରେ ଆସିଥିବା ୧୫ଟି ଆବେଦନରୁ ୫ଟିକୁ ମଞ୍ଜୁରୀ ମିଳିଛି। ବର୍ତ୍ତମାନ ୩୩ଟି ବେସରକାରୀ ଓ ୨ଟି ସରକାରୀ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ରହିଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୃହରେ ପ୍ରକାଶ କରିଛନ୍ତି। ଗତ ୧୦ ବର୍ଷରେ ରାଜ୍ୟରେ ୨୬ଟି ଶୀତଳଭଣ୍ଡାର ନିର୍ମାଣ ହୋଇଛି। ଅଧିକରୁ ଅଧିକ ବେସରକାରୀ ସ୍ତରରେ ଶୀତଳଭଣ୍ଡାର ନିର୍ମାଣ ପାଇଁ ଉଦ୍ୟୋଗୀମାନଙ୍କୁ ଆଗେଇ ଆସିବାକୁ ମନ୍ତ୍ରୀ କହିଛନ୍ତି।

## ବିଧାନସଭା-ସାର

ରାଜ୍ୟରେ ସାର କଳାବଜାର ଓ ବେଆଇନ୍ ବିକ୍ରି ରୋକିବା ନେଇ ଚଳିତବର୍ଷ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ମାଧ୍ୟମରେ ୭ ହଜାର ୧ଟି ସାର ବିକ୍ରୟ କେନ୍ଦ୍ର ଉପରେ ଚଢ଼ାଉ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗୃହରେ କହିଛନ୍ତି। ୨ ହଜାର ୨୧ ଜଣ ନିୟମ ଉଲ୍ଲଙ୍ଘନକାରୀ ବିକ୍ରେତାଙ୍କୁ କାରଣ ଦର୍ଶାଅ ନୋଟିସ୍ ସହ ୩୫ଟି ଦୋକାନର ବିକ୍ରୟକୁ ବନ୍ଦ, ୫ ବିକ୍ରେତାଙ୍କ ନାମରେ ଆପରାଧିକ ମାମଲା, ୭୭ ଡିଲରଙ୍କ ଲାଇସେନ୍ସ ବାତିଲ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଗୃହରେ ସୂଚନା ଦେଇଛନ୍ତି।

## ବିଧାନସଭା-ଜଙ୍ଗଲ ନିଆଁ

ରାଜ୍ୟର ଘଞ୍ଚ ଜଙ୍ଗଲରେ ଲାଗୁଥିବା ନିଆଁକୁ ଆୟତ୍ତ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା-ଏଆଇର ବ୍ୟବହାର କରାଯାଉଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବିଧାନସଭାରେ କହିଛନ୍ତି। ଜଙ୍ଗଲ ନିଆଁକୁ ଟ୍ରାକିଂ କରିବା ପାଇଁ ଜିପିଏସ୍‌ର ବ୍ୟବହାର କରାଯାଉଛି। ବର୍ତ୍ତମାନ ସମୟରେ ଅଗ୍ନିସଂଯୋଗ ମାତ୍ରା ହ୍ରାସ ପାଇବାରେ ଲାଗିଛି ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଗୃହରେ ସୂଚନା ଦେଇଛନ୍ତି।

**- V/O - (**ଗଣେଶରାମ ସିଂ**)**

## ବିଧାନସଭା-ଇ-କେୱାଇସି

ରାଜ୍ୟରେ ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ଇ-କେୱାଇସି ପ୍ରକ୍ରିୟା ଜାରି ରହିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୃହରେ ସୂଚନା ଦେଇଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପାତ୍ର କହିଛନ୍ତି, ଇ-କେୱାଇସି ତର୍ଜମା ସମୟରେ ୬ ଲକ୍ଷ ୮୩ ହଜାର ୯୯୫ ଜଣ ମୃତ ବ୍ୟକ୍ତ ଚିହ୍ନଟ ହୋଇଛନ୍ତି। ସେହିଭଳି ୩୩ ହଜାର ୧୨୮ ଅଯୋଗ୍ୟ ରାସନକାର୍ଡକୁ ବାତିଲ କରାଯାଇଛି। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୪ ହଜାର ୭୪୭ ଜାଲ୍ ରାସନକାର୍ଡ ଜବତ ହୋଇଛି। ଗତବର୍ଷ ଜୁନ୍‌ରୁ ଏବେ ସୁଦ୍ଧା ୧୫ ଲକ୍ଷ ୩୩ ହଜାର ୧୫୩ ଟି ଆବେଦନ ହସ୍ତଗତ ହୋଇଛି ବୋଲି ମନ୍ତ୍ରୀ ଗୃହରେ ପ୍ରକାଶ କରିଛନ୍ତି।

## ବିଧାନସଭା-ମାପ ଠକେଇ

ମାପ ଓ ଓଜନ ଠକେଇରେ ବ୍ୟବସାୟ ପ୍ରତିଷ୍ଠାନରୁ ୩ କୋଟି ୧୧ ଲକ୍ଷ ୭୫୦ ଟଙ୍କା ଜୋରିମାନା ଆଦାୟ ହୋଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଗୃହରେ ସୂଚନା ଦେଇଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପାତ୍ର କହିଛନ୍ତି, ଗତ ୨ ବର୍ଷରେ ୧୫୩ ମାମଲା ସାମ୍ନାକୁ ଆସିଥିବାବେଳେ ୩ ଲକ୍ଷ ୧୨ ହଜାର ୩୨୬ଟି ଚଢ଼ାଉ କରାଯାଇଛି। ଏହି ସମ୍ପର୍କିତ ୧୦ ହଜାର ୭୫୬ ମାମଲା ରୁଜୁ ହେବା ସହ ଅନ୍ୟ କାରଣ ପାଇଁ ୧୦ ହଜାର ୬୦୩ ମୋକଦ୍ଦମା ହୋଇଛି ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି।

## ବିଧାନସଭା-ବିଦ୍ୟୁତ ବକେୟା

ରାଜ୍ୟରେ ୬ ହଜାର ୯୫୬ କୋଟି ୯୩ ଲକ୍ଷ ଟଙ୍କାର ବିଦ୍ୟୁତ ବିଲ୍ ବକେୟା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧାନସଭାରେ କହିଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ସିଂହଦେଓ କହିଛନ୍ତି, ସାଧାରଣ ଗ୍ରାହକଙ୍କ ଉପରେ ୬ ହଜାର ୫୫୮ କୋଟି ଏବଂ ଶିଳ୍ପ ଓ ବାଣିଜ୍ୟ ଗ୍ରାହକଙ୍କ ଉପରେ ୩୯୮ କୋଟି ୯୩ ଲକ୍ଷ ଟଙ୍କା ବିଲ୍ ବକେୟା ରହିଛି। ଉପଭୋକ୍ତାମାନଙ୍କ ସୁବିଧା ପାଇଁ ବିଦ୍ୟୁତ୍ ବିଲ୍ ପୈଠ ପାଇଁ ଅନ୍‌ଲାଇନ୍ ପେମେଣ୍ଟର ବ୍ୟବସ୍ଥା କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସୂଚନା ଦେଇଛନ୍ତି।

## କାମଧେନୁ

ରାଜ୍ୟ ସରକାର କାମଧେନୁ ଯୋଜନାରେ ଦେଶୀ ଗାଇ ପାଳନ ଓ ସୁରକ୍ଷା ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଗୁରୁତ୍ୱ ଦେଉଛନ୍ତି ବୋଲି ମତ୍ସ୍ୟ ଓ

ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ତି । ଗୃହରେ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି, ଗୋପାଳନ ଯୋଜନାରେ ୫ ହଜାର ୩୫୪ ଜଣ ହିତାଧିକାରୀଙ୍କୁ ୬୪ କୋଟି ୮୩ ଲକ୍ଷ ୯ ହଜାର ଟଙ୍କା ପ୍ରଦାନ କରାଯାଇଛି । କାମଧେନୁ ଯୋଜନାରେ  ଗାଇ ପାଇଁ ୮୨ ହଜାର ୨୦୬ ଜଣ ଗୋ-ସୁଗମ ପୋର୍ଟାଲ ଜରିଆରେ ଆବେଦନ କରିଥିବାବେଳେ ଏହା ମଧ୍ୟରେ ୯ ହଜାର ୬୦୧ଟି ଗାଇ କିଣାଯାଇସାରିଲାଣି । ଏହାଦ୍ୱାରା ରାଜ୍ୟରେ ପ୍ରାୟ ୯୬ ହଜାର ଲିଟର ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ତି ।

## ବନକଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ମାର୍ଗଶୀର ମାସ ଶୁକ୍ଳ ତ୍ରୟୋଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ଭିନ୍ନକ୍ଷମ ଦିବସ

ଦିବ୍ୟାଙ୍ଗମାନଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ଉଦ୍ଦେଶ୍ୟରେ ଆଜି ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ବାର୍ତ୍ତାରେ କହିଛନ୍ତି, ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ହେଲେ ସେମାନଙ୍କର ସାମାଜିକ,

ଅର୍ଥନୈତିକ ଓ ବୌଦ୍ଧିକ ବିକାଶର ଆବଶ୍ୟକତା ରହିଛି । ଚଳିତବର୍ଷ **ସାମାଜିକ ପ୍ରଗତିକୁ ଆଗେଇ ନେବା ପାଇଁ ଏକ ଭିନ୍ନକ୍ଷମ ଅନ୍ତର୍ଭୁକ୍ତ ସମାଜକୁ ପ୍ରୋତ୍ସାହିତ କରିବା**ର ବାର୍ତ୍ତା ନେଇ ଏହି ଦିବସ ପାଳନ କରାଯାଉଛି ।

**ରାୟଗଡ଼ା** ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଜିଲ୍ଲାର ମୁନିଗୁଡ଼ା, ରାୟଗଡ଼ା ସମେତ ସମସ୍ତ ବ୍ଲକ୍ ସଦର ମହକୁମାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ସଚେତନତା ସଭା ଓ ଶୋଭାଯାତ୍ରା ଆୟୋଜନ କରାଯାଇଛି । ଏଥିରେ ବିଭାଗୀୟ ଅଧିକାରୀ ଶିକ୍ଷକ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ଏହି ଅବସରରେ ଭିନ୍ନକ୍ଷମମାନଙ୍କୁ ଟ୍ରାଇ ସାଇକେଲ ସମେତ ଅନ୍ୟାନ୍ୟ ଉପକରଣ ବଣ୍ଟନ କରାଯାଇଛି ।

**ଗଞ୍ଜାମ** ଜିଲ୍ଲା ଛତ୍ରପୁରଠାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଜିଲ୍ଲାପାଳ ଭି. କିର୍ତ୍ତୀଭାସନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି....

**- V/O - (**ଭି. କିର୍ତ୍ତୀଭାସନ**)**

ଏହି ଅବସରରେ ଆଜି ଭୁବନେଶ୍ୱରରେ ଆୟୋଜିତ ହେବାକୁଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।